পশ্চিম বঙ্গ রাজ্য

ବନାମ

ହରେଶ ସି. ବାନାର୍ଜୀ ଏବଂ ଅନ୍ୟମାନେ

ମେ 26,  2004

[ମୁଖ୍ୟ ନ୍ୟାୟାଧୀଶ ରାଜେନ୍ଦ୍ର ବାବୁ, ଏବଂ ନ୍ୟାୟମୂର୍ତ୍ତି ପି. ଭେଙ୍କଟରାମା ରେଡ୍ଡୀ ]

*ସେବା ଆଇନ :*

*ପଶ୍ଚିମବଙ୍ଗ ସେବା (ମୃତ୍ୟୁକାଳୀନ ଅବସର ଲାଭ) ନିୟମ:*

*ସାମ୍ବିଧାନିକ ବୈଧତା-ଆବେଦନ ପରେ- ନିର୍ଣ୍ଣିତ ଯେ ଯେହେତୁ ଆଇନ 10 (1) ର ବୈଧତା ସହିତ ଜଡିତ ପ୍ରଶ୍ନ, ବହୁ ସଂଖ୍ୟକ କର୍ମଚାରୀଙ୍କୁ ପ୍ରଭାବିତ କରିଥାଏ, ତେଣୁ ଏହାକୁ ଏକ ବୃହତ ଖଣ୍ଡପୀଠ ଦ୍ୱାରା ଯାଞ୍ଚ କରିବାକୁ ପଡିବ-ତଥାପି, ରାଜ୍ୟ ସରକାରଙ୍କୁ ବକେୟା ପ୍ରଦାନ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ  ନିର୍ଦ୍ଦେଶ ପାଳନ କରିବାକୁ ପଡିବ- ପଶ୍ଚିମବଙ୍ଗ (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ପରିଚାଳନା) ଆଇନ, 1971ର ଆଇନ 10 ର ଉପ ଆଇନ (1) ।*

ଏହି ଆବେଦନରେ ଯେଉଁ ପ୍ରଶ୍ନ ବିଚାର ପାଇଁ ଉଠିଥିଲା ତାହା ଥିଲା ପଶ୍ଚିମବଙ୍ଗ ସେବା (ମୃତ୍ୟୁକାଳୀନ ଅବସର ଲାଭ) ଆଇନର ଆଇନ 10 (1) ର ସାମ୍ବିଧାନିକ ବୈଧତା ବିଷୟରେ । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ପ୍ରଦାନ କରିଥିଲେ ଯେ ଏହା ସମ୍ବିଧାନର ଉଲ୍ଲଂଘନ କରିଥିଲା ।  ତେଣୁ ବର୍ତ୍ତମାନର ଆବେଦନ । ଏହି ନ୍ୟାୟଳୟ ଅନୁମତି ମଞ୍ଜୁର କରିବା ସମୟରେ ଏହା ସ୍ପଷ୍ଟ କରିଛନ୍ତି ଯେ ଯଦି ଆବେଦନ ସଫଳ ହୁଏ, ତେବେ ଉଚ୍ଚ  ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶ ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1 ଥିବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଉପଲବ୍ଧ ସୁବିଧା ପ୍ରତ୍ୟାହାର କରାଯିବ ନାହିଁ ଏବଂ ରାଜ୍ୟ ସରକାରଙ୍କୁ ଯଦି କିଛି ବକେୟା ଥାଏ ତାହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଏହି ମାମଲାକୁ ଏକ ବୃହତ ବିଚାରପୀଠକୁ ପଠାଇବା ପରେ, ନ୍ୟାୟାଳୟ

ନିର୍ଣ୍ଣୟ କଲେ ଯେ ବିଚାର ପାଇଁ ଏକମାତ୍ର ପ୍ରଶ୍ନ ହେଉଛି ପଶ୍ଚିମବଙ୍ଗ ସେବା (ମୃତ୍ୟୁକାଳୀନ ଅବସର ସୁବିଧା ) ଆଇନର ଆଇନ 10 (1) ର ସାମ୍ବିଧାନିକ ବୈଧତା । ଏଥିରେ

ପଶ୍ଚିମବଙ୍ଗ (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ପରିଚାଳନା) ନିୟମାବଳୀର କାର୍ଯ୍ୟକାରିତା ଉପରେ ଏକ ବଡ଼ ପ୍ରଶ୍ନ ଉଠୁଛି । ଯେହେତୁ, ଏହି ପ୍ରଶ୍ନ ପ୍ରାୟତଃ ବହୁ ସଂଖ୍ୟକ କର୍ମଚାରୀଙ୍କୁ ପ୍ରଭାବିତ କରିପାରେ, ତେଣୁ ଏହି ମାମଲା ଏକ ବୃହତର ବିଚାରପୀଠକୁ ପଠାଗଲା [782- F} ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2579/1998 ।

କଲିକତା ଉଚ୍ଚ ନ୍ୟାୟାଳୟଙ୍କର F.M.A.T.ସଂଖ୍ୟା 1202/1998ରେ 6.5.1996 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀ ପାଇଁ ତାପସ୍ ରାୟ ଏବଂ ଏସ୍. କେ. ନନ୍ଦୀ ।

ଉତ୍ତରଦାତାମାନଙ୍କ ପାଇଁ ଅମ୍ଳାନ କୁମାର ଘୋଷ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ମୁଖ୍ୟ ନ୍ୟାୟାଧୀଶ ରାଜେନ୍ଦ୍ର ବାବୁ: ଏହି ପ୍ରସଙ୍ଗରେ, ପଶ୍ଚିମବଙ୍ଗ ସେବା (ମୃତ୍ୟୁକାଳୀନ ଅବସର ଲାଭ) ଆଇନ (ସଂକ୍ଷେପରେ 'ଆଇନ') ର ଆଇନ 10 (1) ର ସାମ୍ବିଧାନିକ ବୈଧତା ଜଡ଼ିତ ଅଛି ଏବଂ ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଏହା ସମ୍ବିଧାନର ଉଲ୍ଲଂଘନ କରେ ଏବଂ ତାଙ୍କ ଅବସର ପରେ ଉତ୍ତରଦାତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରିବା ମଧ୍ୟ *ସମ୍ବିଧାନର କ୍ଷମତାତୀତ* ବୋଲି ଧରାଯାଇଥିଲା ।

ଏହି ନ୍ୟାୟାଳୟ, 1.5.1998 ରେ କରାଯାଇଥିବା ଏକ ଆକ୍ଷେପିତ ଆଦେଶ ଦ୍ୱାରା,ଆଇନ 10 ର କ୍ଷମତା ସମ୍ବନ୍ଧୀୟ ପ୍ରଶ୍ନ ଉପରେ ଅନୁମତି ପ୍ରଦାନ କରିବା ସମୟରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଯଦି ଏହି ଆବେଦନ ସଫଳ ହୁଏ, ତେବେ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1 କୁ ଉପଲବ୍ଧ ସୁବିଧା ପ୍ରତ୍ୟାହାର କରାଯିବ ନାହିଁ ଏବଂ ଆବେଦନକାରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶ ଅନୁଯାୟୀ ଯଦି କିଛି ଦେୟ ଥାଏ ତେବେ ସେ ସମସ୍ତ ବକେୟା, ଉତ୍ତରଦାତା ସଂଖ୍ୟା 1 କୁ ଉପଲବ୍ଧ କରାଇବେ ।

ବର୍ତ୍ତମାନ ବିଚାର ପାଇଁ ଏକମାତ୍ର ପ୍ରଶ୍ନ ହେଉଛି ଆଇନ 10 (1) ର ବୈଧତା । ଏଥିରେ ପଶ୍ଚିମବଙ୍ଗ (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ପରିଚାଳନା) ଆଇନ, 1971 ଏବଂ ଉକ୍ତ ଆଇନର, ଆଇନ 10 ର ଏଫ୍ ଉପଆଇନ (1) ରେ ଉଠୁଥିବା ବୃହତ୍ତର ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରେ ।

ଯେହେତୁ ଏଭଳି ପ୍ରଶ୍ନ ପ୍ରାୟତଃ ବହୁ ସଂଖ୍ୟକ କର୍ମଚାରୀଙ୍କୁ ପ୍ରଭାବିତ କରିପାରେ, ଆମେ ଭାବୁଛୁ ଯେ ଏହି ପ୍ରସଙ୍ଗକୁ ଏକ ବୃହତ ବିଚାରପୀଠକୁ ପଠାଇବା ଉପଯୁକ୍ତ ହେବ ।

S.K.S. ବୃହତ୍ତର ବିଚାରପୀଠକୁ ପଠାଗଲା

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।